# ବଳିପ୍ରଥା ବିତର୍କ ବଳୟରେ

■ ବରଦା କାନ୍ତ ମହାନ୍ତି, ଏଲ୍.ଏଲ୍.ବି
ଆଜୀବନ ସଭ୍ୟ, ରାଜ୍ୟ ଜୀବେ ନିଷ୍ଠୁରତା ନିରାକରଣ ସମିତି
ସାମନ୍ତସାହି ନୂଆ କଲୋନୀ, କଟକ-୧

ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି,
"ଅଦ୍ୱେଷ୍ଟ ସର୍ବଭୂତାନାଂ ମୈତ୍ରିଃ କରୁଣା ଏବଚ।
ନିର୍ମମୋ ନରହଂକାରଃ ସମଦୁଃଖ ସୁଖକ୍ଷମୀ"

ଅର୍ଥାତ - ପ୍ରାଣୀମାନଙ୍କ ପ୍ରତି ଦ୍ୱେଷ ଭାବ ପରିହାର କରି ମିତ୍ର ସ୍ଥାନରେ ଦୟା ପ୍ରଦର୍ଶନ କରିବା ହେଉଛି ମୋ ପ୍ରତି ଶ୍ରେଷ୍ଠ ଭକ୍ତି।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବହାରଲାଲ ନେହେରୁ କହିଥିଲେ "Real kindness comes from a sense of frienship with animals" ମନୁଷ୍ୟ ପଶୁସମ୍ପଦର ସହାୟତା ଓ ବନ୍ଧୁତା ସବୁ ସମୟରେ ନେଉଥିଲା, ନେଉଛି ଏବଂ ଭବିଷ୍ୟତରେ ନେବ ମଧ୍ୟ। ଏହି ଜୀବଜଗତ ଓ ପ୍ରାଣୀଜଗତ ପରିବେଶ ତଥା ପ୍ରକୃତିକୁ ସୌନ୍ଦର୍ଯ୍ୟ ମଣ୍ଡିତ ତଥା ସୁଶୋଭିତ କରି ମନୁଷ୍ୟର ସୁଖଶାନ୍ତି ଓ ଆନନ୍ଦକୁ ବର୍ଦ୍ଧନ କରିବା ସଂଗେ ସଂଗେ ଗ୍ରାମୀଣ ଅର୍ଥନିତୀରେ ମଧ ସହାୟକ ହୋଇଥାନ୍ତି।

ଭଗବାନଙ୍କର ସୁନ୍ଦର ସୃଷ୍ଟି ବିବିଧ, ସଜୀବ ଓ ନିର୍ଜିବ ବସ୍ତୁରେ ପରିପୂର୍ଣ୍ଣ, ମାତ୍ର ପୃଥିବୀରେ ମନୁଷ୍ୟ ଓ ପଶୁପକ୍ଷୀମାନଙ୍କ ପରି ପ୍ରାଣୀର ସୃଷ୍ଟି ହେଉଛି ଭଗବାନଙ୍କ ଶ୍ରେଷ୍ଠ ଅବଦାନ।

ସମ୍ରାଟ୍ ଅଶୋକ ଓ ବାଦଶାହା ଆକବରଙ୍କର ଜୀବେଦୟା ସମ୍ବନ୍ଧରେ ଶିକ୍ଷା କାହାକୁ ଅବିଦିତ ନୁହେଁ। ଜୀବନ ରକ୍ଷାକାରୀ ଔଷଧ ଉଦ୍ଭାବନ ଓ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ବହୁତ ପଶୁପକ୍ଷୀ ନିଜର ଜୀବନ ମଣିଷର ସ୍ୱାର୍ଥ ପାଇଁ ବଳି ଦେଇଥାନ୍ତି। ଧର୍ମ ନାମରେ ଓ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ବହୁ ନିରୀହ ପଶୁପକ୍ଷୀମାନଙ୍କୁ ଧର୍ମପୀଠରେ ବଳି ମଧ ଦିଆଯାଉଅଛି।

କାଳରାତ୍ରି - କାଳିପୂଜା ପାଇଁ ଦୀପାବଳି ରାତ୍ରି ଓ ଦାରୁଣ (ରାତ୍ରି) - ଦୁର୍ଗାପୂଜା ମହାଷ୍ଟମୀରେ ଅନେକ ପୀଠରେ ପଶୁବଳି ପ୍ରଥା ଏବେ ବି ପ୍ରଚଳିତ ଅଛି। ଅନେକ ପୀଠରେ ଏ ପ୍ରଥା ବହୁ ଜନନାୟକ, ସମାଜସେବୀ, ପଶୁପ୍ରେମୀମାନଙ୍କ ଉଦ୍ୟମ ହେତୁ ବନ୍ଦ ହୋଇସାରିଲାଣି।

ସାର୍ବଜନୀନ ଜନନୀ ଦେବୀଙ୍କ ପୀଠରେ ବଳିପ୍ରଥା ଏକ ସମସ୍ୟା ସଂକୁଳ ପ୍ରଶ୍ନ। ଏହା ଏବେବି ବିତର୍କର ବଳୟରେ ପ୍ରତିପ୍ରକାଶମାନ ଗତିରୂପା ଜଗତ ବା ପ୍ରକୃତି ନାରୀ ସ୍ୱରୂପା ମହା ସୃଷ୍ଟି ପାଳନର ପ୍ରତିପୋଷଣକାରିଣୀ, ଏଣୁ ପ୍ରତିହିଂସା ବା ଦ୍ୱେଷ ତାଙ୍କ ପାଖରେ ଅସମ୍ଭବ, ଚଣ୍ଡୀରେ ଏଥିପାଇଁ ସଂଗ୍ରାମରତା ଦେବୀଙ୍କ ରୂପ ବର୍ଣ୍ଣନାରେ ଲେଖାଯାଇଛି 'ଚିତ୍ତେକୃପା ସମରେ ନିଷ୍ଠୁରତା'।

ଶତାବ୍ଦୀ ଶତାବ୍ଦୀ ଧରି କେଉଁ ବଳିପ୍ରଥା ଅନୁଭୂତି ଏବଂ ପରମ୍ପରାକୁ ଧରି ରଖିଥିଲା ତାହା ଉପରେ ବିଜ୍ଞାନୀ ଏବଂ ଜନନାୟକମାନେ କହନ୍ତି। ଏହା ମନୁଷ୍ୟର ଅଚେତନ ଓ ଅବଚେତନରେ ଥିବା ପଶୁ ପ୍ରବୃତିର ବଳି।

ଭାରତ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ମୋଗଲ, ଅଫଗାନି ଶାସନର ବିନାଶ ଏହି ଜୀବବଧ ତଥା କ୍ରମବର୍ଦ୍ଧିଷ୍ଣୁ ମାଂସାହାର ପାଇଁ ଘଟିଥିଲା। ପଶୁବଧ ଠାରୁ ଆତ୍ମୀୟ ବଧ ଯାଏ ସମୟ କ୍ରମେ ଏମାନଙ୍କ ରକ୍ତକୋଷରେ ବସା ବାନ୍ଧିଥିଲା।

ଆଗକୁ ସମୟ ଆସିବ ଯଦି ଏପରି ମାସାହାର ପ୍ରବୃତି ମନୁଷ୍ୟର ବଢ଼ିଚାଲିବ। ପଶୁପାଳନ, ପଶୁସଂପଦ ଅଭିବୃଦ୍ଧିରେ ବିଧ୍ୱସ୍ତ ଜନସମ୍ପଦ ହାନି ଘଟିବ। ଏହାପରେ ବର୍ଷାହାନି, ଶସ୍ୟହାନି ହେବ ଫଳରେ ଏକ ବିକଳାଙ୍ଗ ଶ୍ରୀହୀନ ପୃଥିବୀ ହୋଇଯିବ, ତେଣୁ ପଶୁହତ୍ୟ ବର୍ଜନୀୟ ହେବା ଉଚିତ, ବଳିପ୍ରଥାକୁ ପରମ୍ପରା ସଂଯୁକ୍ତ କରିବା ଏବଂ ଅନ୍ଧ ବିଶ୍ୱାସର ପ୍ରତୀକ କହିବା ସହିତ ଅନ୍ୟ ଯେଉଁ ପ୍ରମୁଖ ଚିନ୍ତା ମନକୁ ଆସେ ତାହା ହେଉଛି 'ଜୀବେଦୟା' ତତ୍ତ୍ୱ ସମ୍ବଳିତ ବଳିପ୍ରଥା ସମ୍ପୂର୍ଣ୍ଣ ବନ୍ଦ।

କରୁଣ ଚିତ୍କାର ଭିତରେ ରକ୍ତ ଛୁଟୁଛୁଟୁ ନିସ୍ତେଜ ଆଖି ଓ ଗଣ୍ଡିମୁଣ୍ଡ ବିଚ୍ଛିନ୍ନ ବହୁ ପଶୁପକ୍ଷୀଙ୍କର ଦୃଶ୍ୟ ଅନ୍ତତଃ ବୁଦ୍ଧିଜିବୀ, ଚିନ୍ତାନାୟକ, ଜନନାୟକ, ପ୍ରଶାସକ, ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠକମାନଙ୍କୁ ଉଦ୍‌ବେଳିତ କରୁ, ଫଳରେ ବଳିପ୍ରଥା ଭଳି କୁସଂସ୍କାର ପ୍ରଥା ସମାଜରୁ ସବୁଦିନ ପାଇଁ ଲୋପ ପାଇଯାଉ।

❖ ❖ ❖

